**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**24th April - 2024**

**News Editor : *Tapan Kumar Moharana***

**********************************

***Desk***

# ଚତୁର୍ଥ ପର୍ଯ୍ୟାୟ ନାମାଙ୍କନ

ଚତୁର୍ଥ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆସନ୍ତାକାଲି ନାମାଙ୍କନପତ୍ର ଦାଖଲର ଶେଷ ଦିନ ରହିଛି । ଏହି ପର୍ଯ୍ୟାୟରେ ଓଡ଼ିଶା ସମେତ ୧୦ଟି' ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୋଟ୍ ୯୬ଟି ଲୋକସଭା ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ। ରାଜ୍ୟର କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ଲୋକସଭା ଆସନ ଏବଂ ଏହା ଅନ୍ତର୍ଗତ ବିଧାନସଭା ଆସନପାଇଁ ମଇ ୧୩ ତାରିଖରେ ଚତୁର୍ଥ ପର୍ଯ୍ୟାୟ ପାଇଁ ନିର୍ବାଚନ ହେବ।

ଅନ୍ୟପକ୍ଷରେ ତୃତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନପାଇଁ ପ୍ରାର୍ଥୀପତ୍ର ଯାଞ୍ଚ ଓ ପ୍ରତ୍ୟାହାର ପରେ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୧ ହଜାର ୩୫୧ ଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଭାରତୀୟ ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ ଜଣାଯାଇଛି ।

***Desk***

# ମୁଖ୍ୟମନ୍ତ୍ରୀ - ନିର୍ବାଚନ ପ୍ରଚାର

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ନିର୍ବାଚନ ପ୍ରଚାର ଆରମ୍ଭ କରିବେ । ନିଜ ନିର୍ବାଚନ ମଣ୍ଡଳି ହିଞ୍ଜିଳିରୁ ସେ ପ୍ରଚାର କାର୍ଯ୍ୟ ଆରମ୍ଭ କରିବାକୁ ଥିବାବେଳେ ଏହାପରେ ଶେରଗଡ଼ରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି ।

***Desk***

# ମୁଖ୍ୟମନ୍ତ୍ରୀ - ନିର୍ବାଚନ ପ୍ରଚାର

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ନିର୍ବାଚନ ପ୍ରଚାର ଆରମ୍ଭ କରିବେ । ନିଜ ନିର୍ବାଚନ ମଣ୍ଡଳି ହିଞ୍ଜିଳିରୁ ସେ ପ୍ରଚାର କାର୍ଯ୍ୟ ଆରମ୍ଭ କରିବାକୁ ଥିବାବେଳେ ଏହାପରେ ଶେରଗଡ଼ରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି ।

***Desk***

# ଅମିତ୍ ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ଶ୍ରୀ ଶାହା ସୁବର୍ଣ୍ଣପୁର ଗସ୍ତରେ ଯାଇ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବେ ଏବଂ ଏକ ନିର୍ବାଚନ ସଭାରେ ଉଦ୍‌ବୋଧନ

ଦେବାର କାର୍ଯ୍ୟସୂଚୀ ମଧ୍ୟ ରହିଛି। ଏହାପରେ ସେ ଭୁବନେଶ୍ୱରଠାରେ ମଧ୍ୟ ଦଳୀୟ ନେତୃବୃନ୍ଦଙ୍କ ସହ ନିର୍ବାଚନ ସ୍ଥିତି ନେଇ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଥିବା ରାଜ୍ୟ ବିଜେପି ଉପସଭାପତି ଗୋଲୋକ ମହାପାତ୍ର ସୂଚନା ଦେଇଛନ୍ତି।

***Desk***

## ଖରାଛୁଟି - ସ୍କୁଲ୍ ଯତ୍ନ

ଖରାଛୁଟିରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସ୍କୁଲ୍ ଭିତ୍ତିଭୂମିର ଯତ୍ନ ନେବେ । ସ୍କୁଲ୍‌ର ସ୍ମାର୍ଟ କ୍ଲାସ୍‌କୁ ଇ-ଲାଇବ୍ରେରୀ, ବିଜ୍ଞାନ ପରୀକ୍ଷାଗାର, ପାନୀୟଜଳ ସୁବିଧା, ପରିମଳ ତଥା ସୌନ୍ଦର୍ଯ୍ୟକରଣର ରକ୍ଷଣାବେକ୍ଷଣ ପାଇଁ ସେମାନେ ରୋଷ୍ଟର ଡ୍ୟୁଟିରେ ସ୍କୁଲ୍‌କୁ ଆସିବେ । ଉଭୟ ହାଇସ୍କୁଲ୍ ଓ ପ୍ରାଥମିକ ସ୍କୁଲ୍‌ପାଇଁ ଏ ସଂକ୍ରାନ୍ତରେ ମାଧ୍ୟମିକ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି ।

***Desk***

## ମଧ୍ୟାହ୍ନ ଭୋଜନ

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଆଗୁଆ ସ୍କୁଲ୍ ଛୁଟି ଘୋଷଣା କରାଯାଇଛି । ଏହି ସମୟରେ ମୋଟ ୧୨ଟି କାର୍ଯ୍ୟଦିବସ ପାଇଁ ମଧ୍ୟାହ୍ନ ଭୋଜନ ବଦଳରେ ଛାତ୍ରଛାତ୍ରୀଙ୍କୁ ଚାଉଳ ଓ ରନ୍ଧାଖର୍ଚ୍ଚ ଦିଆଯିବ । ଏଥିପାଇଁ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନସ୍ଥ ପି.ଏମ୍. ପୋଷଣ ରାଜ୍ୟ ନୋଡାଲ୍ ଅଫିସର ରଘୁରାମ ଆର୍. ଆୟାର୍ ସମସ୍ତ ଜିଲ୍ଲାପାଳଙ୍କୁ ପତ୍ର ଲେଖିଛନ୍ତି । ୧୫ ଦିନ ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବାକୁ ପତ୍ରରେ ଉଲ୍ଲେଖ ରହିଛି ।

*Desk*

# ଗ୍ରୀଷ୍ମଛୁଟି - ସ୍କୁଲ୍ ହୋମ୍‌ୱାର୍କ

ଗ୍ରୀଷ୍ମପ୍ରବାହ ଯୋଗୁଁ ଆସନ୍ତାକାଲିଠାରୁ ରାଜ୍ୟର ସମସ୍ତ ସ୍କୁଲ୍ ଆଗୁ ଛୁଟି ଘୋଷଣା କରାଯାଇଛି । ତେବେ ଗ୍ରୀଷ୍ମଛୁଟିରେ ପିଲାଙ୍କ ପାଠପଢ଼ା ନଷ୍ଟ ନ ହେବା ଲାଗି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପକ୍ଷରୁ ହୋମ୍‌ୱାର୍କ ସିଟ୍ ଜାରି କରାଯାଇଛି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ଶିକ୍ଷକମାନେ ଦୀକ୍ଷା ଆପ୍’ରେ ଥିବା ପ୍ରଶ୍ନପତ୍ର ନେଇ ଅଭ୍ୟାସ କରାଇବେ । ଏଥିସହିତ ପିଲାମାନେ ଏହି ହୋମ୍‌ୱାର୍କ କରୁଛନ୍ତି କି ନାହିଁ, ତାହା ଶ୍ରେଣୀ ଶିକ୍ଷକ ତଦାରଖ କରିବେ ।

*Desk*

# ଏସ୍.ସି.ଏସ୍.ଟି. ସ୍କୁଲ୍ ହଷ୍ଟେଲ୍

ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଅଧୀନସ୍ଥ ସମସ୍ତ ସ୍କୁଲ୍‌ରେ ମଧ୍ୟ ଆସନ୍ତାକାଲିଠାରୁ ଆଗୁଆ ଗ୍ରୀଷ୍ମଛୁଟି କରାଯାଇଛି । ତେବେ ଏହି ସ୍କୁଲ୍‌ଗୁଡ଼ିକରେ ଥିବା ସମସ୍ତ

ଛାତ୍ରାବାସ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଛାତ୍ରଛାତ୍ରୀ ଯାଇସାରିବା ପରେ ଛାତ୍ରାବାସ ବନ୍ଦ କରାଯିବ ବୋଲି ଏସ୍.ସି. ଏସ୍.ଟି. ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

***Sambalpur/R***

## ସ୍ୱତନ୍ତ୍ର ଟ୍ରେନ୍

ଗ୍ରୀଷ୍ମଋତୁରେ ଯାତ୍ରୀଭିଡ଼ ଏଡ଼ାଇବାପାଇଁ ପୂର୍ବତଟ ରେଳବାଇ ପକ୍ଷରୁ ଆଉ ୫ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ବ୍ୟବସ୍ଥା କରାଯାଇଛି । ଫଳରେ ସମୁଦାୟ ୨୬ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ଚାଲିବ ବୋଲି ରେଳବାଇ ପକ୍ଷରୁ ସୂଚନା ମିଳିଛି । ପୁରୀ-ଉଧନା ଦ୍ୱି-ସାପ୍ତାହିକ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍, ପୁରୀ-ନୂଆଦିଲ୍ଲୀ ସାପ୍ତାହିକ ଟ୍ରେନ୍, ସମ୍ବଲପୁର-ଏରୋଡ୍ ସାପ୍ତାହିକ ଟ୍ରେନ୍, ବିଶାଖାପଟଣା-ବେଙ୍ଗାଲୁରୁ ଏବଂ ବିଶାଖାପାଟଣା-ଚେନ୍ନାଇ ଏଗ୍‌ମୋର୍ ଟ୍ରେନ୍ ଚଳାଚଳ କରିବ ।

***Desk***

## ରେଳବାଇ - ଖାଦ୍ୟ

ଗ୍ରୀଷ୍ମଋତୁରେ ରେଳଯାତ୍ରୀଙ୍କପାଇଁ ସୁଲଭ ମୂଲ୍ୟରେ ଖାଦ୍ୟ ଉପଲବ୍ଧ ହେବ । ପ୍ଲାଟ୍‌ଫର୍ମ ଜେନେରାଲ୍ ଦ୍ୱିତୀୟ ଶ୍ରେଣୀ କୋଚ୍ ପାଖ କାଉଣ୍ଟର୍‌ରେ ଖାଦ୍ୟ ଉପଲବ୍ଧ ହେବ ବୋଲି ଭାରତୀୟ ରେଳବାଇ ପକ୍ଷରୁ ଜଣାଯାଇଛି ।

ଏହି ଖାଦ୍ୟ କାଉଣ୍ଟର୍ ଭାରତୀୟ ରେଳବାଇର ୧୦୦ରୁ ଅଧିକ ଷ୍ଟେସନ୍ ଏବଂ ୧୫୦ରୁ ଅଧିକ କାଉଣ୍ଟର୍‌ରେ କାର୍ଯ୍ୟ କରୁଛି ।

***Desk***

## ଜାତୀୟ ପଞ୍ଚାୟତିରାଜ ଦିବସ

ଦେଶରେ ଆଜି ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଛି । କ୍ଷମତାର ବିକେନ୍ଦ୍ରୀକରଣ କରି ଏହାକୁ ତୃଣମୂଳ ସ୍ତରରେ ପହଞ୍ଚାଇବାପାଇଁ ୧୯୯୨ ମସିହାରେ ୭୩ତମ ସମ୍ବିଧାନ ସଂଶୋଧନ ଅଧିନିୟମ ଜରିଆରେ ପଞ୍ଚାୟତିରାଜ ବ୍ୟବସ୍ଥା ସୃଷ୍ଟି କରାଯାଇଥିଲା । ୧୯୯୩ ମସିହା ଏପ୍ରିଲ୍ ୨୪ ତାରିଖରୁ ଏହା କାର୍ଯ୍ୟକାରୀ ହୋଇଥିଲା । ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାର ତଦାରଖପାଇଁ ୨୦୦୪ ମସିହା ମଇ ୨୭ ତାରିଖରୁ ସ୍ୱତନ୍ତ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ଗଠନ କରାଯାଇଥିଲାବେଳେ ୨୦୧୦ ମସିହା ଏପ୍ରିଲ୍ ୨୪ ତାରିଖରୁ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଛି ।

***Desk***

## ଜଙ୍ଗଲ ନିଆଁ

ରାଜ୍ୟର ଆଉ ୯୬ଟି ସ୍ଥାନରେ ଜଙ୍ଗଲରେ ନିଆଁ ଲାଗିଥିବା ଜଣାଯାଇଛି । ଏବେ ସୁଦ୍ଧା ରାଜ୍ୟରେ ମୋଟ୍ ୫ ହଜାର ୫୪୪ଟି ସ୍ଥାନରେ ଜଙ୍ଗଲ ଜଳୁଥିବା ନେଇ ସୂଚନା ମିଳିଛି । ଶିମିଳିପାଳ ସମେତ

ମାଲକାନଗିରି, କୋରାପୁଟ, କଳାହାଣ୍ଡି, ନୟାଗଡ଼ ଓ ଖୋର୍ଦ୍ଧା ଜିଲ୍ଲାରେ ଥିବା ଏକାଧିକ ଜଙ୍ଗଲ ଜଳୁଛି । ତେବେ ଶିମିଳିପାଳର କୋର୍ ଅଞ୍ଚଳରେ ନିଆଁ ଲାଗି ନାହିଁ ଏବଂ ସେଠାରେ ୧୭୦ରୁ ଅଧିକ ସ୍ଥାନରେ ଜଳୁଥିବା ନିଆଁକୁ ବନ ବିଭାଗ ଲିଭାଇଛି ବୋଲି ପି.ସି.ସି.ଏଫ୍. ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି ।

*****